# ଦିନା ନାଥ @ ଦୌଲତ

ବନାମ

ହିମାଚଳ ପ୍ରଦେଶ ରାଜ୍ୟ

ଫୌଜଦାରୀ ଆବେଦନ ସଂଖ୍ୟା 16/2008

ଏପ୍ରିଲ 23, 2009

**[ଡକ୍ଟର ଅରିଜିତ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିଦ୍ୱୟ]**

*କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଅଧିନିୟମ, 2000 - କିଶୋର – ଏହାର ନିର୍ଣ୍ଣୟତା - ଆବେଦନକାରୀଙ୍କ ଆଳ ଯେ ଅପରାଧ ଘଟିବା ସମୟରେ ସେ ନାବାଳକ ଥିଲେ - ନିର୍ଣ୍ଣୟ କରାଗଲା : ଆବେଦନର ଯଥାର୍ଥତା ପ୍ରତିପାଦନ କରିବା ପାଇଁ କେତେକ ଦସ୍ତାବିଜ ଦାଖଲ କରାଯାଇଛି, କିନ୍ତୁ ସଂଶୋଧିତ ବ୍ୟବସ୍ଥାର ଉପଯୋଗିତା ଉପରେ ବିଚାର କରିବାକୁ ହେବ - ଏହି ଆବେଦନର ତଥ୍ୟ ଉପରେ ବିଚାର କରିବା ପାଇଁ ଏହି ମାମଲାକୁ ବିଚାର କରୁଥିବା ନ୍ୟାୟାଳୟକୁ ପଠାଯାଇଛି ।*

ଫୌଜଦାରୀ ଆବେଦନ ଅଧିକାରିତା : ଫୌଜଦାରୀ ଆବେଦନ ସଂଖ୍ୟା 16/2008

ଫୌଜଦାରୀ ଆବେଦନ ସଂଖ୍ୟା 89/1993 ରେ ସିମଲା ସ୍ଥିତ ମାନ୍ୟବର ହିମାଚଳ ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ତା 06.11.2007 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଏସ୍.କେ. ବଂଶଲ, ସାବିତ୍ରୀ ବଂଶଲ, ରୂପକ ବଂଶଲ, ଦେବାଶିଷ ମିଶ୍ର ।

ଉତ୍ତରଦାତାଙ୍କ ପାଇଁ ନରେଶ କେ. ଶର୍ମା ।

**ନ୍ୟାୟମୂର୍ତ୍ତି, ଡକ୍ଟର ଅରିଜିତ ପଶାୟତଙ୍କ** ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା ।

ଏହି ଆବେଦନକୁ ସମର୍ଥନ କରିବା ପାଇଁ ଅନୁରୋଧ କରାଯାଇଥିବା ଏକମାତ୍ର ବିଷୟ ହେଉଛି ଯେ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଅଧିନିୟମ, 2000 (ସଂକ୍ଷେପରେ "2000 ଅଧିନିୟମ") ର ଅର୍ଥ ଅନୁଯାୟୀ ଆବେଦନକାରୀ ନାବାଳକ ଥିଲେ । ଅଧିନିୟମ 33/2006 ଦ୍ୱାରା ସଂଶୋଧିତ ଧାରା 2 (1) ଅନୁଯାୟୀ "ଆଇନ ସହିତ ଦ୍ୱନ୍ଦରେ କିଶୋର" ଅଭିବ୍ୟକ୍ତିର ସଂଶୋଧନକୁ ମଧ୍ୟ ଉଲ୍ଲେଖ କରାଯାଇଛି, ଯାହାକୁ ତା 22.8.2006 ରିଖରୁ କାର୍ଯ୍ୟକାରୀ କରାଯାଇଛି । ଉକ୍ତ ସଂଶୋଧନ ଦ୍ୱାରା ଧାରା 20 ସହିତ ସଂଯୁକ୍ତ ବ୍ୟାଖ୍ୟା ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି । ଆବେଦନକାରୀଙ୍କ ଆଭିମୁଖ୍ୟ ହେଉଛି ଯେ ଘଟଣା ଦିନ ସେ ନାବାଳକ ଥିଲେ କାରଣ ତାଙ୍କ ଜନ୍ମ ତାରିଖ 6.3.1973 ଅଟେ ।

ଉତ୍ତରଦାତାଙ୍କ ପାଇଁ ବିଦ୍ୱାନ ଓକିଲ ଦର୍ଶାଇଛନ୍ତି ଯେ ଏହି ଆବେଦନକୁ ବିଚାର କରୁଥିବା ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଆବେଦନକାରୀଙ୍କ ଦ୍ୱାରା ଉଠାଯାଇ ନଥିଲା । 2000 ଅଧିନିୟମର

ଉପଯୋଗିତା ଏବଂ ଏହାର ସଂଶୋଧନ ସମ୍ବନ୍ଧୀୟ ପ୍ରଶ୍ନକୁ ପ୍ରମାଣ ଆଧାରରେ ଯାଞ୍ଚ କରିବାକୁ ହେବ । ଯଦିଓ ସେମାନଙ୍କ ଆଭିମୁଖ୍ୟକୁ ଯଥାର୍ଥତା ପ୍ରତିପାଦନ କରିବା ପାଇଁ କେତେକ ଦସ୍ତାବିଜ ଦାଖଲ କରାଯାଇଛି ଯେ ଆବେଦନକାରୀ ଘଟଣା ତାରିଖ ଅର୍ଥାତ୍ 15.6.1990 ରେ ନାବାଳକ ଥିଲେ, ତେଣୁ ସଂଶୋଧିତ ବ୍ୟବସ୍ଥାଗୁଡ଼ିକର ଉପଯୋଗିତା ଉପରେ ବିଚାର କରିବାକୁ ପଡିବ । ଏହି ମାମଲାର ବିଶେଷ ତଥ୍ୟକୁ ଦୃଷ୍ଟିରେ ରଖି ଆମେ ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ରାୟକୁ ବାତିଲ କରି କେବଳ ଆବେଦନକାରୀ ଅପରାଧ ଘଟିବା ଦିନ ଅର୍ଥାତ୍ 15.6.1990 ରେ ନାବାଳକ ଥିଲେ କି ନାହିଁ ସେ ନେଇ ନିଷ୍ପତ୍ତି ନେବା ପାଇଁ ମାମଲାକୁ ବିଚାର କରୁଥିବା ନ୍ୟାୟାଳୟକୁ ପଠାଇ ଦେଉଛୁ । ଆମେ ଏହା ସ୍ପଷ୍ଟ କରୁଛୁ ଯେ ମାମଲାର ଯୋଗ୍ୟତା ଉପରେ ଆମେ କୌଣସି ମତ ପ୍ରକାଶ କରିନାହୁଁ । ବିଚାର କରୁଥିବା ନ୍ୟାୟାଳୟ ଅଭିଯୁକ୍ତ ଆବେଦନକାରୀଙ୍କୁ ଉପରୋକ୍ତ ଆବେଦନକୁ ଯଥାର୍ଥତା ପ୍ରତିପାଦନ କରିବା ପାଇଁ ଆବଶ୍ୟକ ବିବେଚନା କରାଯାଇଥିବା ପ୍ରମାଣ ଉପସ୍ଥାପନ କରିବାକୁ ଅନୁମତି ଦେବେ । ଅଭିଯୋଜନ କ୍ଷେତ୍ରରେ ମଧ୍ୟ ଏହା ଲାଗୁ ହେବ ।

ଯେହେତୁ ଏହି ମାମଲା ଦୀର୍ଘ ଦିନ ଧରି ବିଚାରାଧୀନ ରହିଛି, ତେଣୁ 2009 ମସିହା ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଏହାର ନିର୍ଣ୍ଣୟ କରାଯାଉ । ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ନିର୍ଣ୍ଣୟ ଚାଲିଥିବା ପର୍ଯ୍ୟନ୍ତ ଅଭିଯୁକ୍ତ-ଆବେଦନକାରୀ ହେପାଜତରେ ରହିବେ ।

ଆମେ ସ୍ପଷ୍ଟ କରୁଛୁ ଯେ ଅପରାଧ କରିବା ସମୟରେ ଆବେଦନକାରୀ ନାବାଳକ ଥିଲେ ବୋଲି ଉଠାଯାଇଥିବା ଆବେଦନର ନିର୍ଣ୍ଣୟ କରିବା ଉଦ୍ଦେଶ୍ୟରେ ଏହି ଆକ୍ଷେପିତ ରାୟକୁ ବାତିଲ କରାଯାଉଛି ।

ତଦନୁସାରେ ଆବେଦନଟିର ସମାଧାନ ହୋଇଛି ।

ଏନ୍.ଜେ. ଆବେଦନଟିର ସମାଧାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।